ଅଣସଂରକ୍ଷଣ କେସ ନଂ. ୮/୨୦୨୫

# ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି

## ଘୋଷଣା

ସଂଖ୍ୟା ୪୬୬୦ ତା. ୦୫.୧୨.୨୦୨୫

ଏତତଦ୍ୱାରା ମୌଜା **କଣ୍ଟାବାଞ୍ଜି(ଖ)**, ଥାନା- **କଣ୍ଟାବାଞ୍ଜି** ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ନିମ୍ନ ତଫସିଲ ଜମି ଉପରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡିଶା ସରକାରଙ୍କ ତରଫରୁ ଏକ Assistant Labour Office ନିର୍ମାଣ ହେବା ସକାଶେ **Divisional Labour Commissioner, Balangir** ଏକ ଦରଖାସ୍ତ ଏହି କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ଏହାର Site Selection Proposal କୁ ଜିଲ୍ଲାପାଳ, ବଲାଙ୍ଗିର ଅନୁମୋଦନ ଦେଇଛନ୍ତି । ଏଣୁ ଉକ୍ତ ଜମି ର ପ୍ଲଟର କିସମ ଗୋଚରରୁ ପତିତକୁ ପରିବର୍ତ୍ତିତ କରାଯାଇ ଖତିୟାନ ସଂଶୋଧନ କରାଯିବ। ଏଥିରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତାହା ହେଲେ ଓଡିଶା ସରକାରଙ୍କ ନୋଟିଫିକେସନ ନଂ RDM-LRGEA-STATUT-0001-2022-5730 /R&DM Dated- 13.02.2023 ଅନୁଯାୟୀ ଏହି ନୋଟିସ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କାଗଜଆଦି କୋର୍ଟ ଫିଜ ଲଗାଇ ଲିଖିତ ଆକାରରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ଗ୍ରହଣ ଯୋଗ୍ୟ ନୁହେଁ ।

## ତଫସିଲ

ମୌଜା: କଣ୍ଟାବାଞ୍ଜି(ଖ) ଥାନା : କଣ୍ଟାବାଞ୍ଜି ଥାନା ନମ୍ବର: ୫

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା | ଚିହ୍ନ | ମାର୍କ ରକବା |
|---|---|---|---|---|---|
| ୨୪୦ | ୧ | ଗୋଚର | ଏ ୩.୫୫ ଡି | "A" | ଏ ୦.୫୦ ଡି |
| | | | | | ମୋଟ ଏ ୦.୫୦ ଡି |

ତହସିଲଦାର, କଣ୍ଟାବାଞ୍ଜି

ଜ୍ଞାପକ ସଂଖ୍ୟା ୪୬୬୧ / ତା. ୦୫.୧୨.୨୦୨୫

୧. ଏହାର ଏକକିତା ନକଲ ଜିଲ୍ଲା ୱେବ ସାଇଟ ରେ ପ୍ରକାଶନ ପାଇଁ DISTRICT INFORMATION OFFICER, NIC, BALANGIR ଙ୍କୁ ପ୍ରେରଣ କରାଗଲା ।

୨. ଏହାର ଏକକିତା କାର୍ଯ୍ୟନିର୍ବାହୀ ଅଧିକାରୀ ଏନ.ଏ.ସି., କଣ୍ଟାବାଞ୍ଜି ଙ୍କ ଅବଗତି ଓ ବିହିତ କାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

୩. ଏହାର ୩ (ତିନି) କିତା ରାଜସ୍ୱ ନିରୀକ୍ଷକ, କଣ୍ଟାବାଞ୍ଜି ଙ୍କ ଅବଗତି ଓ ବିହିତ କାର୍ଯ୍ୟସକାଶେ ପ୍ରେରଣ କରାଗଲା ଓ ଆଦେଶ କରାଗଲା ଯେ ଏହାର ଏକକିତା ସମ୍ପୃକ୍ତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ସକାଶେ ଗ୍ରାମର ମଧ୍ୟସ୍ଥଳରେ ଛାଟିବେ । ପୁନଶ୍ଚ ତାଙ୍କୁ ଆଦେଶ କରାଗଲା ଯେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଡାକବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବେ। ଅନ୍ୟ ଏକ କିତାରେ ସମ୍ପୃକ୍ତ ଗ୍ରାମବାସୀଙ୍କ ପ୍ରତି ସ୍ୱାକ୍ଷର ଆଣି ଅତ୍ର କାର୍ଯ୍ୟାଳୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରସ୍ତ କରିବେ ।

୪. ଏହାର ଏକକିତା ନକଲ Divisional Labour Commissioner, Balangir ଙ୍କୁ ପ୍ରେରଣ କରାଗଲା ।

୫. ଏହାର ଏକକିତା ନକଲ Block Development Officer, Turekela ଙ୍କୁ ପ୍ରେରଣ କରାଗଲା ।

୬. ଏହାର ଏକକିତା କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, କଣ୍ଟାବାଞ୍ଜି